Odisha Sub-ordinate Staff Selection Commission
(OSSSC), Govt. of Odisha

# OSSSC CRE 2025

## Combined Recruitment Examination · Preliminary · Question Paper

**04 Jun 2026 · 9:00 AM - 10:30 AM** **Odia Version**

RI · ICDS Supervisor · VAW · JA · ARI · Amin · SFS | Official Answer Key

## About this Paper


This is the **OSSSC Combined Recruitment Examination (CRE) 2025** Preliminary written test (Advt. IIE-120/2025-3219) for the posts of Revenue Inspector, ICDS Supervisor, Village Agricultural Worker, Junior Assistant, Assistant Revenue Inspector, Amin & Statistical Field Surveyor — **04 Jun 2026, 9:00 AM - 10:30 AM** shift, **Odia version**, with the correct option marked as per the official answer key.

**Exam pattern:** 100 questions · 100 marks · 90 minutes. Sections: Mathematics 20, General Studies 20, English 20, Odia 15, Computer 15, Logical Reasoning 10. Marking: **+1** correct, **−0.25** wrong.

✓ Correct option (highlighted green)


### More from QMaths

Check your marks & All-India rank at **rank.qmaths.in**. Master English vocabulary with the **Blackbook** app.




***Toppers' Choice, Blackbook of English Vocabulary, Now available in App format : DOWNLOAD NOW***

## Quant

**Q1** Quant

P ଓ Q ଙ୍କ ନିକଟରେ ମୋଟ ₹350 ଅଛି । P ଙ୍କ ଠାରୁ ₹250 ନିଆଯିବା ପରେ, P-ଙ୍କ ପାଖରେ ଥିବା ଅବଶିଷ୍ଟ ରାଶି Q ଙ୍କର ପ୍ରାରମ୍ଭିକ ରାଶି ସହ ସମାନ ହେବ । P ଓ Q ଙ୍କ ନିକଟରେ ଥିବା ପ୍ରାରମ୍ଭିକ ରାଶିର ଅନୁପାତ ନିର୍ଣ୍ଣୟ କରନ୍ତୁ ।

- **A.** 3 : 2
- **B.** 3 : 5
- **C.** 5 : 2
- **D.** 6 : 1 ✓

**Q2** Quant

A, B ଓ C ଗୋଟିଏ କାର୍ଯ୍ୟକୁ ଯଥାକ୍ରମେ 20, 22 ଓ 24 ଦିନରେ ଶେଷ କରିପାରିବେ । ଯଦି ସେମାନେ ଏକାଠି କାମ କରନ୍ତି, ତେବେ କାର୍ଯ୍ୟଟି ଶେଷ କରିବାକୁ କେତେ ଦିନ ଲାଗିବ? (ଦଶମିକ ଗୋଟିଏ ସ୍ଥାନ ପର୍ଯ୍ୟନ୍ତ ପୂର୍ଣ୍ଣାଙ୍କିତ କରନ୍ତୁ)

- **A.** 5.8 ଦିନ
- **B.** 6.5 ଦିନ
- **C.** 7.3 ଦିନ ✓
- **D.** 8.2 ଦିନ

**Q3** Quant

ଜଣେ ଦୋକାନୀ ₹4000 ଧାର୍ଯ୍ୟ ମୂଲ୍ୟ ବିଶିଷ୍ଟ ଏକ ଦ୍ରବ୍ୟ ଉପରେ କ୍ରମାଗତ ଭାବରେ 10% ଏବଂ 25% ରିହାତି ପ୍ରଦାନ କରନ୍ତି । ଦ୍ରବ୍ୟଟିର ବିକ୍ରୟ ମୂଲ୍ୟ ନିର୍ଣ୍ଣୟ କର।

- **A.** ₹2700 ✓
- **B.** ₹2800
- **C.** ₹3000
- **D.** ₹2750

**Q4** Quant

ରବି 72 km/hr ବେଗରେ ସାଇକେଲରେ ଏକ ନିର୍ଦ୍ଦିଷ୍ଟ ଦୂରତା ଯାତ୍ରା କରିଥିଲେ ଏବଂ 58 km/hr ବେଗରେ ଫେରି ଆସିଥିଲେ । ଯଦି ରାଉଣ୍ଡ ଟ୍ରିପ ପାଇଁ ମୋଟ ସମୟ 5 ଘଣ୍ଟା 25 ମିନିଟ ହୋଇଥାଏ, ତେବେ ରବିଙ୍କ ଦ୍ୱାରା ଅତିକ୍ରମ କରାଯାଇଥିବା ମୋଟ ଦୂରତା (km ରେ) ନିର୍ଣ୍ଣୟ କର ।

- **A.** 343 km
- **B.** 344 km
- **C.** 347 km
- **D.** 348 km ✓

**Q5** Quant

ସଂଖ୍ୟା 2, 4, 6, 10, 6, 9, 10, 9, 10, 10, 11 ଏବଂ 12 ର ଗରିଷ୍ଠକ କେତେ?

- **A.** 2
- **B.** 6
- **C.** 10 ✓
- **D.** 12

**Q6** Quant

A, B ଓ C ଏକ ବ୍ୟବସାୟରେ ଯଥାକ୍ରମେ ₹60,000, ₹80,000 ଓ ₹1,00,000 ନିବେଶ କରିଥିଲେ । 4 ମାସ ପରେ A ଓ 6 ମାସ ପରେ B ତାଙ୍କର ସମ୍ପୂର୍ଣ୍ଣ ପୁଞ୍ଜି ପ୍ରତ୍ୟାହାର କରିଥିଲେ ଏବଂ C ସାରା ବର୍ଷ ପାଇଁ ନିବେଶ କରିଥିଲେ । ଯଦି ବର୍ଷ ଶେଷରେ ମୋଟ ଲାଭ ₹1,20,000 ହୁଏ, ତେବେ ଲାଭରେ B ଙ୍କ ଅଂଶ କେତେ?

- **A.** ₹24,000
- **B.** ₹30,000 ✓
- **C.** ₹36,000
- **D.** ₹40,000

**Q7** Quant

ଏକ ସାମଗ୍ରୀର ମୂଲ୍ୟକୁ କ୍ରୟମୂଲ୍ୟ ଠାରୁ 20% ଅଧିକ କରାଯାଇଛି ଏବଂ ପରେ 10% ର ଦୁଇଟି କ୍ରମିକ ରିହାତି ପ୍ରଦାନ କରାଯାଏ । ଶେଷରେ ସାମଗ୍ରୀର ମୂଲ୍ୟ କେତେ ହ୍ରାସ ପାଏ?

- **A.** 2.8% ✓
- **B.** 3.8%
- **C.** 2%
- **D.** 3%

**Q8** Quant

ପରସ୍ପର ପ୍ରତି ଲମ୍ବ ହୋଇଥିବା ଦୁଇଟି ଜ୍ୟା AB ଓ CD ବୃତ୍ତ ଭିତରେ P ବିନ୍ଦୁରେ ଏପରି ଭାବରେ ଛେଦ କରନ୍ତି ଯେ CP = 15 cm, PD = 8 cm ଏବଂ PB = 6 cm ହୁଏ । AC ର ଦୈର୍ଘ୍ୟ (cm ରେ) ନିର୍ଣ୍ଣୟ କର ।

- **A.** 18
- **B.** 20
- **C.** 24
- **D.** 25 ✓

Blackbook Vocabulary — Now in the App! ▶ Download Now on Google Play

**Q9** Quant

ଗୋଟିଏ ପାଇପ ଗୋଟିଏ ଟାଙ୍କିକୁ 5 ମିନିଟରେ ପୂର୍ଣ୍ଣ କରିପାରୁଥିବା ବେଳେ ଅନ୍ୟ ଏକ ପାଇପ ପୂର୍ଣ୍ଣ ଟାଙ୍କିକୁ 8 ମିନିଟରେ ଖାଲି କରିପାରିବ । ଯଦି ଟାଙ୍କିଟି ଖାଲିଥିବା ସମୟରେ ଉଭୟ ପାଇପକୁ ଏକାଠି ଖୋଲାଯାଏ, ତେବେ ଟାଙ୍କିର ତିନି-ଚତୁର୍ଥାଂଶ ପୂର୍ଣ୍ଣ ହେବା ପାଇଁ ଏହାକୁ କେତେ ମିନିଟ ଲାଗିବ?

- A. 10 ✓
- B. 20
- C. 11
- D. 21

**Q10** Quant

ସଂଖ୍ୟା 13, 3.9 ଏବଂ 0.75 ର ଲ.ସା.ଗୁ. କେତେ?

- A. 39 ✓
- B. 26
- C. 52
- D. 65

**Q11** Quant

₹2457 କୁ ଏପରି ତିନି ଭାଗରେ ବିଭକ୍ତ କରନ୍ତୁ ଯେପରି ପ୍ରଥମ ଭାଗର ଅଧା, ଦ୍ୱିତୀୟ ଭାଗର ଏକ-ଚତୁର୍ଥାଂଶ ଏବଂ ତୃତୀୟ ଭାଗର ଏକ-ଅଷ୍ଟମାଂଶ ପରସ୍ପର ସହ ସମାନ ହେବେ । ତୃତୀୟ ଭାଗର ମୂଲ୍ୟ (₹ ରେ) କେତେ?

- A. 1404 ✓
- B. 1304
- C. 1204
- D. 1104

**Q12** Quant

ଦୁଇଟି ପରିପୂରକ କୋଣ ମଧ୍ୟରୁ ବଡ କୋଣଟି ଛୋଟ କୋଣ ଠାରୁ 12° ଅଧିକ ଅଟେ । ଛୋଟ କୋଣଟି (ଡିଗ୍ରୀରେ) କେତେ ?

- A. 84 ✓
- B. 85
- C. 93
- D. 83

**Q13** Quant

ବାର୍ଷିକ 10% ସୁଧ ହାରରେ 2 ବର୍ଷ ପାଇଁ କେତେ ମୂଳଧନ (₹ ରେ) ଉପରେ ସରଳ ସୁଧ ₹580 ହେବ?

- A. 2900 ✓
- B. 2400
- C. 3100
- D. 3300

**Q14** Quant

କେଉଁ ସଂଖ୍ୟାକୁ 60% ବୃଦ୍ଧି କଲେ ଫଳାଫଳ 3480 ହେବ?

- A. 2175 ✓
- B. 2350
- C. 1087
- D. 1525

**Q15** Quant

ସୁରେଶ କିଛି ପରିମାଣର ବାର୍ଲିକୁ ₹1386 ରେ କିଣିଲେ । ଏହାର ଅଧା 38% ଲାଭରେ ବିକ୍ରି ହୁଏ । ଯଦି ସୁରେଶ ମୋଟ 19% ଲାଭ କରିବାକୁ ଚାହାଁନ୍ତି, ତେବେ ଅବଶିଷ୍ଟ ବାର୍ଲିର ବିକ୍ରୟ ମୂଲ୍ୟ (₹ ରେ) ନିର୍ଣ୍ଣୟ କର ।

- A. 693 ✓
- B. 297
- C. 1201
- D. 1363

**Q16** Quant

ବାର୍ଷିକ 5% ସୁଧ ହାରରେ ₹8,000 ଉପରେ 3 ବର୍ଷ ପାଇଁ ଚକ୍ରବୃଦ୍ଧି ସୁଧ କେତେ ହେବ?

- A. ₹1,200
- B. ₹1,261 ✓
- C. ₹1,300
- D. ₹1,325

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

**Q17** Quant

ଆୟେଶା ତାଙ୍କ ଅଫିସକୁ 42 km/hr ବେଗରେ ଯାତ୍ରା କରନ୍ତି ଏବଂ 60 km/hr ବେଗରେ ଫେରନ୍ତି । ସମଗ୍ର ଯାତ୍ରା ପାଇଁ ତାଙ୍କର ହାରାହାରି ବେଗ କେତେ?

A. $49\frac{8}{17}$ km/hr

B. $49\frac{7}{17}$ km/hr ✓

C. $49\frac{8}{19}$ km/hr

D. $49\frac{7}{19}$ km/hr

**Q18** Quant

ସରଳ କର:

$$7.2 \div 0.6 \times [(3.5 - 2.5) + (\frac{3}{4} \text{ of } 2)]$$

A. 30 ✓

B. 54

C. 32

D. 36

**Q19** Quant

ତ୍ରିଭୁଜ PQR ର କ୍ଷେତ୍ରଫଳ 84 cm2ଅଟେ । ତ୍ରିଭୁଜ PQR ର ବାହୁ PQ, QR ଏବଂ PR ର ମଧ୍ୟବିନ୍ଦୁଗୁଡ଼ିକୁ ଯୋଗ କରି ତ୍ରିଭୁଜ ABC ଗଠନ କରାଯାଏ ଏବଂ ତ୍ରିଭୁଜ ABC ର ବାହୁ AB, BC ଏବଂ AC ର ମଧ୍ୟବିନ୍ଦୁଗୁଡ଼ିକୁ ଯୋଗ କରି ତ୍ରିଭୁଜ DEF ଗଠନ କରାଯାଏ । ତ୍ରିଭୁଜ DEF ର କ୍ଷେତ୍ରଫଳ ନିର୍ଣ୍ଣୟ କର ।

A. $21 \text{ cm}^2$

B. $\frac{21}{2} \text{cm}^2$

C. $\frac{21}{4} \text{ cm}^2$ ✓

D. $7 \text{ cm}^2$

**Q20** Quant

ନିମ୍ନଲିଖିତ ଦ୍ୱିଘାତ ସମୀକରଣର ମାନକ ରୂପ କ'ଣ?

$$t + \frac{13}{t} = 3$$

A. $t^2 + 3t - 13 = 0$

B. $t^2 - 3t = 13$

C. $t + 13 = 3t^2$

D. $t^2 - 3t + 13 = 0$ ✓

Blackbook Vocabulary — Now in the App! ► Download Now on Google Play

**Q21** GA
କେଉଁ ରାଜ୍ୟ ପୂର୍ବ ଜୋନାଲ କାଉନସିଲର 27 ତମ ବୈଠକ ଆୟୋଜନ କରିଥିଲା?

**A.** ବିହାର

**B.** ଓଡିଶା

**C.** ଝାଡଖଣ୍ଡ ✓

**D.** ପଶ୍ଚିମବଙ୍ଗ

**Q22** GA
ନିମ୍ନଲିଖିତ ଭାରତୀୟମାନଙ୍କ ମଧ୍ୟରୁ କିଏ ତାସକେଣ୍ଟ ଠାରେ ଅନୁଷ୍ଠିତ 'ଉଜଚେସ କପ ମାଷ୍ଟର୍ସ 2025' (UzChess Cup Masters 2025) ର ବିଜୟୀ ହୋଇଥିଲେ?

**A.** ଅର୍ଜୁନ ଏରିଗାଇସି (Arjun Erigaisi)

**B.** କୋନେରୁ ହମ୍ପୀ (Koneru Humpy)

**C.** ଗୁକେଶ ଡି (Gukesh D)

**D.** ପ୍ରଜ୍ଞାନାନନ୍ଦ ଆର (Praggnanandhaa R) ✓

**Q23** GA
ଗ୍ରେଟର ହିମାଳୟ ଏବଂ ମିଡିଲ ହିମାଳୟକୁ କେଉଁ ପ୍ରମୁଖ ଭୂତାତ୍ତ୍ୱିକ ପ୍ରକୃତି ପୃଥକ କରିଥାଏ?

**A.** ମେନ ବାଉଣ୍ଡରୀ ଫଲ୍ଟ (MBF)

**B.** ମେନ ସେଣ୍ଟ୍ରାଲ ଥ୍ରଷ୍ଟ (MCT) ✓

**C.** ମେନ ଫ୍ରଣ୍ଟାଲ ଥ୍ରଷ୍ଟ (MFT)

**D.** ମେନ ବାଉଣ୍ଡରୀ ଥ୍ରଷ୍ଟ (MBT)

**Q24** GA
2025 ମସିହା ଅପ୍ରେଲ ମାସରେ ପ୍ରକାଶିତ ହୋଇଥିବା ପୁସ୍ତକଗୁଡ଼ିକ ମଧ୍ୟରେ ଏମିଲି ହେନ୍ରୀଙ୍କ (Emily Henry) କେଉଁ ଉପନ୍ୟାସଟି ସର୍ବାଧିକ ଲୋକପ୍ରିୟତା ଲାଭ କରିଥିଲା?

**A.** ଦ ମେଇଡ୍ସ ରୁମ (The Maid's Room)

**B.** ଗ୍ରେଟ ବିଗ ବିଉଟିଫୁଲ ଲାଇଫ (Great Big Beautiful Life) ✓

**C.** ଦ ଲୋନିଲିନେସ ଅଫ ସୋନିଆ ଆଣ୍ଡ ସନ୍ନି (The Loneliness of Sonia and Sunny)

**D.** ବରି ଆୱାର ବୋନ୍ସ ଇନ ଦ ମିଡନାଇଟ ସଏଲ (Bury Our Bones in the Midnight Soil)

**Q25** GA
ଅଙ୍ଗାର ଜଳିଲେ କାହିଁକି ଶିଖା ସୃଷ୍ଟି ହୁଏ ନାହିଁ?

**A.** କାରଣ ଏହା ଜଳିବା ସମୟରେ କୌଣସି ଗ୍ୟାସୀୟ ପଦାର୍ଥ ଉତ୍ପନ୍ନ କରେ ନାହିଁ ✓

**B.** କାରଣ ଏହା ଅତି ଶୀଘ୍ର ଜଳିଯାଇଥାଏ

**C.** କାରଣ ଏଥିରେ ଜଳ ଥାଏ

**D.** କାରଣ ଏହା ଏକ ଧାତୁ

**Q26** GA
ଜୁନ୍ 2025 ରେ ଭାରତର ସୁପ୍ରିମକୋର୍ଟର କାର୍ଯ୍ୟଦିବସ ସମ୍ବନ୍ଧରେ ଭାରତ ନିମ୍ନଲିଖିତ ମଧ୍ୟରୁ କେଉଁ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଥିଲା?

**A.** କୋର୍ଟ ପ୍ରଥମ ଥର ପାଇଁ ସପ୍ତାହରେ ସଂପୂର୍ଣ୍ଣ ପାଞ୍ଚ ଦିନ କାର୍ଯ୍ୟ କରିଥିଲା

**B.** କୋର୍ଟ କମ ମାମଲାର ଶୁଣାଣି କରିବା ଉଦ୍ଦେଶ୍ୟରେ ଆଂଶିକ କାର୍ଯ୍ୟଦିବସ ବେଞ୍ଚ (partial working day benches) ଗ୍ରହଣ କରିଥିଲା ✓

**C.** କୋର୍ଟ ଏହି ମାସ ପାଇଁ ଏହାର କାର୍ଯ୍ୟକ୍ରମ ବନ୍ଦ ରଖିଥିଲା

**D.** କୋର୍ଟ ସ୍ଥାୟୀ ଭାବରେ ରାତ୍ରିକାଳୀନ ଅଧିବେଶନ ଆରମ୍ଭ କରିଥିଲା

**Q27** GA
ଉଦ୍ଭିଦରେ ଆଲୋକସଂଶ୍ଳେଷଣ ଦ୍ୱାରା ଉତ୍ପାଦିତ ଶ୍ୱେତସାର ବ୍ୟବହାର କରି ନିମ୍ନଲିଖିତ ମଧ୍ୟରୁ କେଉଁ ପ୍ରମୁଖ କାର୍ଯ୍ୟଟି ସମ୍ପାଦିତ ହୋଇଥାଏ?

**A.** କୋଷୀୟ କାର୍ଯ୍ୟକଳାପ ପାଇଁ ଶକ୍ତି ପ୍ରଦାନ କରିବା ✓

**B.** ମୃତ୍ତିକାରୁ ଜଳ ଶୋଷଣ କରିବା

**C.** କେବଳ ମୂଳର ବୃଦ୍ଧିକୁ ପ୍ରୋତ୍ସାହିତ କରିବା

**D.** ଅଙ୍ଗାରକାମ୍ଳ ଉତ୍ପାଦନ କରିବା

**Q28** GA
ନିମ୍ନଲିଖିତ ମଧ୍ୟରୁ କେଉଁଟି 1885–1905 ମଧ୍ୟରେ ପ୍ରାରମ୍ଭିକ ଭାରତୀୟ ଜାତୀୟ କଂଗ୍ରେସର ମୁଖ୍ୟ ଦାବିକୁ ସର୍ବୋତ୍ତମ ଭାବେ ବର୍ଣ୍ଣନା କରେ?

**A.** ପୂର୍ଣ୍ଣ ସ୍ୱାଧୀନତା

**B.** ଆଧିପତ୍ୟ ମାନ୍ୟତା

**C.** ସାମ୍ବିଧାନିକ ଓ ପ୍ରଶାସନିକ ସଂସ୍କାର ✓

**D.** ବ୍ରିଟିଶଙ୍କ ବିରୁଦ୍ଧରେ ସଶସ୍ତ୍ର ବିଦ୍ରୋହ

**Q29** GA
ଓଡ଼ିଶା ଅର୍ବାନ କନକ୍ଲେଭ 2025 କେଉଁ ସହରରେ ଅନୁଷ୍ଠିତ ହୋଇଥିଲା?

**A.** କଟକ

**B.** ପୁରୀ

**C.** ଭୁବନେଶ୍ୱର ✓

**D.** ରାଉରକେଲା

**Q30** GA
ନିମ୍ନଲିଖିତ ମଧ୍ୟରୁ କେଉଁଟି ପୃଥିବୀର ଘୂର୍ଣ୍ଣନ ହେତୁ ପବନ କିମ୍ବା ସାମୁଦ୍ରିକ ସ୍ରୋତ ପରି ଗତିଶୀଳ ବସ୍ତୁଗୁଡ଼ିକର ବିଚ୍ୟୁତିକୁ ସୂଚିତ କରେ?

**A.** ଲା ନିନା ପ୍ରଭାବ

**B.** କୋରିଓଲିସ ପ୍ରଭାବ ✓

**C.** ଆଲବେଡୋ ପ୍ରଭାବ

**D.** ଏଲ ନିନୋ ପ୍ରଭାବ

Blackbook Vocabulary — Now in the App! ▶ Download Now on Google Play
generated by rank.qmaths.in

**Q31** GA

କିଏ ଓଡ଼ିଆ ଚଳଚ୍ଚିତ୍ର ପୁଷ୍କରା (ଶ୍ରେଷ୍ଠ ଓଡ଼ିଆ କଥାଚିତ୍ର, 71 ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର) ର ନିର୍ଦ୍ଦେଶକ ଅଟନ୍ତି?

A. ନୀଳ ମାଧବ ପଣ୍ଡା

B. ଶୁଭ୍ରାଂଶୁ ଦାସ ✓

C. ସୁଶାନ୍ତ ମିଶ୍ର

D. ସବ୍ୟସାଚୀ ମହାପାତ୍ର

**Q32** GA

ନିମ୍ନଲିଖିତ ଓଡ଼ିଶାର ଜିଲ୍ଲାଗୁଡ଼ିକ ମଧ୍ୟରୁ ବୁଢ଼ାବଳଙ୍ଗ ନଦୀ ମୁଖ୍ୟତଃ କେଉଁ ଜିଲ୍ଲା ଦେଇ ପ୍ରବାହିତ ହୋଇଥାଏ?

A. ଗଜପତି

B. ମୟୂରଭଞ୍ଜ ✓

C. କୋରାପୁଟ

D. କନ୍ଧମାଳ

**Q33** GA

କେଉଁ ବିଶିଷ୍ଟ ସମାଜ ସଂସ୍କାରକଙ୍କୁ ଲୋକପ୍ରିୟ ଭାବରେ 'ଉତ୍କଳ ଗୌରବ' ଉପାଧିରେ ଭୂଷିତ କରାଯାଇଛି?

A. ମଧୁସୂଦନ ଦାସ ✓

B. ରମା ଦେବୀ

C. ନୀଳକଣ୍ଠ ଦାସ

D. ଗୋପବନ୍ଧୁ ଦାସ

**Q34** GA

ଚୁମ୍ବକୀୟ କ୍ଷେତ୍ର ରେଖାଗୁଡ଼ିକ ଚୁମ୍ବକର ମେରୁ ନିକଟରେ ଘନ ହୋଇଥାଏ, କାରଣ ________ ।

A. ଚୁମ୍ବକଟି ଏହାର ଶେଷ ଭାଗରେ ଭାଙ୍ଗିଯାଇଛି

B. ମେରୁ ନିକଟରେ ଚୁମ୍ବକୀୟ କ୍ଷେତ୍ର ଅଧିକ ଶକ୍ତିଶାଳୀ ହୋଇଥାଏ ✓

C. ସମାନ ମେରୁଗୁଡ଼ିକ ପରସ୍ପରକୁ ବିକର୍ଷଣ କରନ୍ତି

D. ମେରୁ ନିକଟରେ ଚୁମ୍ବକୀୟ କ୍ଷେତ୍ର ଅଦୃଶ୍ୟ ହୋଇଯାଏ

**Q35** GA

ଭାରତୀୟ ଅର୍ଥନୀତି ଢାଞ୍ଚା ପାଇଁ ପ୍ରାଥମିକ ଶିକ୍ଷାରେ ପୁଞ୍ଜିନିବେଶ କାହିଁକି ଅପରିହାର୍ଯ୍ୟ ବୋଲି ବିବେଚନା କରାଯାଏ?

A. ଏହା ହେଉଛି ରକ୍ଷଣାବେକ୍ଷଣ କରିବା ପାଇଁ ସର୍ବାଧିକ ବ୍ୟୟବହୁଳ ଶିକ୍ଷା ସ୍ତର ।

B. ଏହା ଶିଳ୍ପ ଉପକରଣ ପାଇଁ ଉଚ୍ଚସ୍ତରୀୟ ଗବେଷଣା ପ୍ରଦାନ କରେ

C. ଏହା ନାଗରିକମାନଙ୍କର ମୌଳିକ ସାକ୍ଷରତା ଏବଂ ଗଣନଜ୍ଞାନ ନିଶ୍ଚିତ କରେ । ✓

D. ମୁଖ୍ୟତଃ ମାଧ୍ୟମିକ ଶିକ୍ଷାର ଶୁଳ୍କ ହ୍ରାସ କରିବା ପାଇଁ ଏହା ବ୍ୟବହୃତ ହୋଇଥାଏ ।

**Q36** GA

ପୃଥିବୀ ପୃଷ୍ଠରୁ ଉପରକୁ ଗଲେ ବାୟୁମଣ୍ଡଳୀୟ ଚାପ ଏବଂ ବାୟୁର ଘନତା କିପରି ପରିବର୍ତ୍ତନ ହୁଏ?

A. ଉଭୟ ବାୟୁମଣ୍ଡଳୀୟ ଚାପ ଏବଂ ବାୟୁ ଘନତା ହ୍ରାସ ହୁଏ ✓

B. ବାୟୁ ଘନତା ହ୍ରାସ ପାଏ କିନ୍ତୁ ବାୟୁମଣ୍ଡଳୀୟ ଚାପ ସ୍ଥିର ରହିଥାଏ

C. ବାୟୁମଣ୍ଡଳୀୟ ଚାପ ହ୍ରାସ ପାଏ କିନ୍ତୁ ବାୟୁର ଘନତା ସ୍ଥିର ରହିଥାଏ

D. ଉଭୟ ବାୟୁମଣ୍ଡଳୀୟ ଚାପ ଏବଂ ବାୟୁ ଘନତା ବୃଦ୍ଧି ପାଇଥାଏ

**Q37** GA

ଭାରତରେ କେନ୍ଦ୍ରୀୟ ସରକାରୀ ସେବା ପାଇଁ କର୍ମଚାରୀ ନିଯୁକ୍ତି ନିମନ୍ତେ ଦାୟୀ ସାମ୍ବିଧାନିକ ସଂସ୍ଥା କିଏ?

A. ନ୍ୟାସନାଲ ଡେଭଲପମେଣ୍ଟ ପବ୍ଲିକ କାଉନସିଲ

B. ୟୁନିଅନ ପବ୍ଲିକ ସର୍ଭିସ କମିଶନ ✓

C. ନ୍ୟାସନାଲ ହ୍ୟୁମ୍ୟାନ ରାଇଟ୍ସ ପବ୍ଲିକ କମିଶନ

D. ସେଣ୍ଟ୍ରାଲ ବୋର୍ଡ ଅଫ ସେକେଣ୍ଡାରୀ ଏଜୁକେଶନ

**Q38** GA

ନିମ୍ନଲିଖିତ ସାହିତ୍ୟିକମାନଙ୍କ ମଧ୍ୟରୁ କାହାର ଅବଦାନ ଆଧୁନିକ ଭାରତୀୟ ସାହିତ୍ୟ ସହିତ ସଠିକ ଭାବେ ମେଳ ହେଉଛି?

A. ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟ - 'ବନ୍ଦେ ମାତରମ' ରଚନା ✓

B. ରବୀନ୍ଦ୍ରନାଥ ଟାଗୋର -'ଗୋଦାନ' ର ଲେଖକ

C. ମୁନସୀ ପ୍ରେମଚାନ୍ଦ - କ୍ଷୁଦ୍ରଗଳ୍ପ ସଂକଳନ 'ମାଲଗୁଡ଼ି ଡେଜ' ର ଲେଖକ

D. ସୁବ୍ରମଣ୍ୟ ଭାରତୀ - ଦ ଗାଇଡ ର ଲେଖକ

**Q39** GA

ଅଲିମ୍ପିକରେ ରୌପ୍ୟ ପଦକ ହାସଲ କରିଥିବା ପ୍ରଥମ ଭାରତୀୟ ମହିଳା କିଏ ଥିଲେ ?

A. P. V. ସିନ୍ଧୁ ✓

B. କର୍ଣ୍ଣମ ମାଲେଶ୍ୱରୀ

C. ସାଇନା ନେହୱାଲ

D. ମେରି କୋମ

**Q40** GA

ନିମ୍ନଲିଖିତ ଆନ୍ଦୋଳନଗୁଡ଼ିକ ମଧ୍ୟରୁ କେଉଁଟି ସ୍ଥାନୀୟ ସମ୍ପ୍ରଦାୟ ଦ୍ୱାରା ଅହିଂସାତ୍ମକ ବିରୋଧ ମାଧ୍ୟମରେ ଜଙ୍ଗଲ ସଂରକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ସର୍ବାଧିକ ଜଣାଶୁଣା?

A. ସବୁଜ ବିପ୍ଳବ

B. ଚିପକୋ ଆନ୍ଦୋଳନ ✓

C. ଶ୍ୱେତ ବିପ୍ଳବ

D. ନୀଳ ବିପ୍ଳବ

Blackbook Vocabulary — Now in the App! ▶ Download Now on Google Play

## English

**Q41** English

Which sentence uses the correct present continuous tense?

- **A.** They are playing football right now. ✓
- **B.** They is playing football right now.
- **C.** They playing football right now.
- **D.** They will playing football right now.

**Q42** English

Choose the correct antonym of the underlined word from the given options.
His own factory workers refused to listen or work because of his snobbish attitude.

- **A.** haughty
- **B.** frivolous
- **C.** boastful
- **D.** modest ✓

**Q43** English

Select the incorrectly spelt word from the following options.

- **A.** Pavilion
- **B.** Seige ✓
- **C.** Dormitory
- **D.** Consistent

**Q44** English

> Read the given passage and answer the questions that follow.
>
> Varanasi is known as the spiritual capital of India. It is also known as Kashi since it is popular for funeral rites to give peace to the departed. It is known as Benares as a dip in the holy river of Ganges helps pilgrims absolve all their sins. Lord Kashi Vishwanath temple is one of the twelve Jyotirlingas of the world and is revered hugely by devotees of Lord Shiva. A lot of smaller shrines and mosques are surrounded near the temple making the place a mecca of pilgrimage. Tha Japan Vali Well also known as the well of wisdom is believed to be dug by lord Shiva himself. Buddhists in the region can reap rewards of a lifetime of asceticism as Lord Buddha travelled 200 km on foot before he arrived at the Ghats of Ganga and attained nirvana.
>
> In the evening, enjoy a boat ride along the ghats of River Ganges to witness the Hindu rituals. Witness the grand Evening Aarti where thousands of locals and pilgrims gather together to offer their prayers to the Mother Ganges.

Select an appropriate title of the passage.

- **A.** Varanasi: The Eternal City of Faith ✓
- **B.** The Lost Shrines of the Ganges
- **C.** The Buddhist Trail in the North
- **D.** India's Modern River City

Blackbook Vocabulary — Now in the App! ► Download Now on Google Play
generated by rank.qmaths.in

**Q45** English

Select an appropriate synonym of the word: REVERED

- **A.** Respected ✓
- **B.** Forgotten
- **C.** Ordinary
- **D.** Ignored

**Q46** English

Select an appropriate inference of the passage.

- **A.** Holds deep religious importance for multiple faiths ✓
- **B.** Was recently founded as a new pilgrimage site
- **C.** Is primarily a city for Buddhist monks only
- **D.** Has no link to the River Ganges

**Q47** English

Select a fact presented in the passage.

- **A.** Built by Mughal rulers
- **B.** Dug by Lord Shiva ✓
- **C.** A Buddhist meditation site
- **D.** A modern water source

**Q48** English

Select an appropriate tone of the passage.

- **A.** Reverent ✓
- **B.** Critical
- **C.** Humorous
- **D.** Analytical

**Q49** English

Select the correct idiom to replace the underlined segment in the sentence.
After hearing both sides, the judge decided to <u>take time to decide carefully</u>.

- **A.** see eye to eye
- **B.** take a back seat
- **C.** sleep on it ✓
- **D.** cancel the case

Blackbook Vocabulary — Now in the App! ► Download Now on Google Play

**Q50** English

Select the option that can be used as a one-word substitute for the underlined group of words.

Despite facing multiple setbacks throughout his career, the professor continued his research with unwavering and determined effort over many years.

A. consistency

B. perseverance ✓

C. endurance

D. patience

**Q51** English

Parts of a sentence are given below. Arrange the parts in the correct order to form a meaningful and coherent sentence.

(A) as she was scared / (B) to the water park/ (C) of water slides/ (D) Mary did not go

A. ABCD

B. BDCA

C. DBAC ✓

D. CDBA

**Q52** English

Identify the antonym of the underlined word in the given sentence.

The scarce supply of water worried the villagers.

A. abundant ✓

B. rare

C. limited

D. precious

**Q53** English

Select the most appropriate option to substitute the underlined segment in the given sentence.

Nimmy told Ramesh, "One who owns nothing cannot lose anything."

A. A beggar can never be bankrupt ✓

B. Empty vessels make the most noise

C. A civil denial is better than a rude grant

D. A clean hand wants no washing

**Q54** English

Complete the sentence by choosing the correct option.
The team practiced hard every day, _____ they won the championship trophy.

A. consequently ✓

B. gracefully

C. intensely

D. rarely

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q55** English

In the given question, a statement divided into different segments is given. The first segment is fixed, rearrange the other segments to form a coherent statement.
It's only human nature / each of us has a deep-seated hunger (P) / as they've done unto us (Q) / to want to help those who've helped us (R )/ to do unto others (S)

A. QRPS

B. RPSQ ✓

C. PRSQ

D. SQRP

**Q56** English

Choose the correct indirect form of the following sentence.

The narrator said, "Living conditions are at best poor."

A. The narrator said that living conditions are at best poor.

B. The narrator said that living conditions were at best poor. ✓

C. The narrator says that living conditions were at best poor.

D. The narrator said that living conditions had been at best poor.

**Q57** English

Select the option that can be used as a one-word substitute for the given group of words.

A short journey usually made for pleasure

A. Tour

B. Expedition

C. Excursion ✓

D. Commute

**Q58** English

Select the option that expresses the given sentence in passive voice.

By next week, the engineers will have tested the new security system.

A. The new security system will have tested by the engineers by next week.

B. The new security system will have been tested by the engineers by next week. ✓

C. The new security system will be tested by the engineers by next week.

D. The new security system has been tested by the engineers by next week.

Blackbook Vocabulary — Now in the App! ► Download Now on Google Play

**Q59** English

Complete the sentence with a contextually and grammatically appropriate adjective.

The _______ ocean waves crashed against the shore.

A. placid

B. violent ✓

C. rhythmic

D. tranquil

**Q60** English

Select the most appropriate option to fill in the blank.

Ancient astronomers studied the planets and their movements across _____ night sky.

A. an

B. a

C. No article

D. the ✓

## Odia

**Q61** Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ଭାରତୀୟ ରେଳ ଦେଶର ସବୁଠାରୁ ବଡ଼ ନିୟୋଜକ ଅଟେ ।

A. Indian Railways is the largest employer in the country. ✓

B. Indian Railway are biggest employ of country.

C. The Indian Railway is largest employment in country.

D. Indian Railways be the large employers.

**Q62** Odia

ନିମ୍ନଲିଖିତ ବିକଳ୍ପଗୁଡ଼ିକ ମଧ୍ୟରୁ ଦିଆଯାଇଥିବା ଓଡ଼ିଆ ବାକ୍ୟର ସଠିକ୍ ଇଂରାଜୀ ଅନୁବାଦ ବାଛନ୍ତୁ:
ବିଶ୍ୱର ସବୁ ସମୁଦ୍ର ଏବଂ ମହାସାଗରରେ ବିଭିନ୍ନ ପ୍ରକାରର ଜୀବଜନ୍ତୁ ରହିଥାନ୍ତି ।

A. Different types of creatures live in the ocean and seas around the world. ✓

B. Different types of creatures lives in ocean and seas around world.

C. Different type of creatures live in the oceans and seas around world.

D. Different types of creatures living in oceans and seas around the world.

Blackbook Vocabulary — Now in the App! ▶ Download Now on Google Play
generated by rank.qmaths.in

**Q63** Odia

ଦିଆଯାଇଥିବା ଓଡ଼ିଆ ବାକ୍ୟକୁ ଇଂରାଜୀରେ ଅନୁବାଦ କର।

ସବୁ ରେଳଷ୍ଟେସନ ରେ ଯାତ୍ରୀ ଙ୍କ ସୁରକ୍ଷା ଲାଗି ସିସିଟିଭି ଖଞ୍ଜା ଯାଇଛି ।

A. CCTV cameras will be installed at all railway stations for the safety of passengers.

B. CCTV cameras have been installed at all railway stations for the safety of passengers. ✓

C. CCTV cameras being installed at all railway stations for the passengers.

D. CCTV cameras have been installed at all railway stations.

**Q64** Odia

"ଆଲୋ ମଉସା ଜଡ ପଇସା"-ଏହି ଲୋକୋକ୍ତିର ଠିକ୍ ଅର୍ଥ କଣ ?

A. ମଉସାଙ୍କ ପାଖରେ ଜଡ ପଇସା ଅଛି ।

B. ମଉସା ପଇସା ପାଇଁ ଜଡ ହୋଇଯାଇଛି ।

C. ସବୁ କାମ ପାଇଁ ଅର୍ଥ ଦରକାର । ✓

D. ସବୁ କାମ ପାଇଁ ପରିଶ୍ରମ ଦରକାର ।

**Q65** Odia

ଜଣେ ମାଆ ତା'ର ପୁଅକୁ ବର୍ଷବର୍ଷ ଧରି ଚାହିଁ ରହିଛି । ଉକ୍ତ ବାକ୍ୟରେ କ୍ରିୟାବିଶେଷଣ ଚିହ୍ନଟ କର ।

A. ମାଆ

B. ପୁଅ

C. ଚାହିଁ ରହିଛି

D. ବର୍ଷବର୍ଷ ✓

**Q66** Odia

ଗୁଞ୍ଜନକୁ ଗାଁରେ ସମସ୍ତେ ଗାଳି କଲେ ତଥାପି ସେ ରାଗିଲା ନାହିଁ – ରେଖାଙ୍କିତ ପଦଟି କେଉଁ ଅବ୍ୟୟ ଚିହ୍ନଟ କର ।

A. ବିଯୋଜକ ଅବ୍ୟୟ ✓

B. କାଳବାଚକ ଅବ୍ୟୟ

C. ସଂଯୋଜକ ଅବ୍ୟୟ

D. ଯୁଗ୍ମରୂପ ଅବ୍ୟୟ

**Q67** Odia

"ବସିବା ଠାରୁ କାଶିବା ଭଲ"- ଏହି ଲୋକୋକ୍ତିର ଠିକ୍ ଅର୍ଥ କିଏ ?

A. ବେଶି ବିଶ୍ରାମ କରିବା ଉଚିତ

B. ସବୁବେଳେ କିଛି ନା କିଛି କାର୍ଯ୍ୟ କରିବା ଉଚିତ ✓

C. କାମ ନକରି ବସିବା ଭଲ

D. ନ ବସି କାଶିବା ଭଲ

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q68** Odia

> ଅନୁଛେଦଟି ପଢି ଉତ୍ତର ଲେଖ ।
>
> ଗାନ୍ଧିଜୀ ୧୯୪୦ ମସିହାରେ ଅଗଷ୍ଟ ମାସ 'ହରିଜନ' ପତ୍ରିକାର ଗୋଟିଏ ସଂଖ୍ୟାରେ ଏହି ନ୍ୟାସୀତତ୍ତ୍ୱ ଉପସ୍ଥାପିତ କରିଥିଲେ । ସମାଜ ଭିତରେ, ବିଭିନ୍ନ ବ୍ୟକ୍ତିଙ୍କ ମଧ୍ୟରେ, ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଆୟ ଏବଂ ସମ୍ପଦର ଉତ୍କଟ ତାରତମ୍ୟ ରହିଲେ ସମାଜ ତିଷ୍ଠିପାରିବ ନାହିଁ । ଭାରତବର୍ଷରେ ଏ ତାରତମ୍ୟ ଥିଲା ଏବଂ ଏହା ବୃଦ୍ଧି ପାଇବାରେ ଲାଗିଛି । ମହାତ୍ମାଜୀ ଏହି ନ୍ୟାସୀତତ୍ତ୍ୱର ବ୍ୟାଖ୍ୟା କଲେ 'ହରିଜନ' ପତ୍ରିକାରେ । ଧନୀ ଲୋକେ ତାଙ୍କ ସମ୍ପତ୍ତିର ଅଧିକାରୀ ହୋଇ ରହିବେ । ଶିଳ୍ପପତି ଏବଂ ବ୍ୟବସାୟୀମାନେ ଶିଳ୍ପ ବ୍ୟବସାୟର ମାଲିକ ହୋଇ ରହିବେ । ସେଥିରୁ ତାଙ୍କୁ ବିଚ୍ୟୁତ କରାଯିବ ନାହିଁ । ତାଙ୍କ ପରିଚାଳନାର ସାଫଲ୍ୟ ହେବ ତାଙ୍କ ଗୌରବ । ମାତ୍ର ତାଙ୍କପାଇଁ ଏବଂ ତାଙ୍କର ପରିବାରପାଇଁ ଯଥାର୍ଥରେ ଯେତିକି ଆବଶ୍ୟକ,ସେତିକି ପରିମାଣରେ ଅର୍ଥ ସେ ବ୍ୟୟ କରିବେ ; ଉଦ୍ -ବୃତ୍ତ ସମସ୍ତ ଲାଭାଂଶ ସମାଜର ହିତରେ ବ୍ୟୟିତ ହେବ । ତାହା ପୁଣି ତାଙ୍କରି ସ୍ୱେଚ୍ଛାରେ ; ବାଧ୍ୟବାଧକତାରେ ନୁହେଁ । ଏଥିଲାଗି ସେମାନେ ହେବେ ସମାଜର ନ୍ୟାସୀ । ଗାନ୍ଧିଜୀଙ୍କର ଅହିଂସା ନୀତି ଅନୁଯାୟୀ ସେମାନଙ୍କୁ ସମ୍ପତ୍ତିରୁ ବଳପୂର୍ବକ ବିଚ୍ୟୁତ କରିବା ଅସଙ୍ଗତ। ସେମାନେ ସ୍ୱତଃପ୍ରବୃତ୍ତ ହୋଇ ନ୍ୟାସୀତ୍ୱ ବରଣ କରିନେବେ । ବଳପୂର୍ବକ ସମ୍ପତ୍ତି ବାଜ୍ୟାପ୍ତ କଲେ, ତାହା ହୁଏ ହିଂସା -ପ୍ରଣୋଦିତ ଆଚରଣ। ସେଥିରୁ ଉପୁଜେ ପ୍ରତିହିଂସା । ଏହି ଅଭିକ୍ରିୟାର ଅବସାନ ହୁଏନାହିଁ । ପନ୍ଥାର ପ୍ରକରଣରେ ରଞ୍ଜିତ ହୁଏ ପ୍ରକୃତି । ଫଳରେ ସମାଜ ସ୍ଥିତି ହୁଏ ଅଶାନ୍ତ । ଅନାସକ୍ତିର ରୂପାନ୍ତର କରି ଗାନ୍ଧୀଜୀ ପ୍ରଣୟନ କଲେ ଏହି ନ୍ୟାସିବାଦ ।

ଅନୁଚ୍ଛେଦରେ ଦିଆଯାଇଥିବା ଇଛା ଶବ୍ଦର ବିପରୀତ ଅର୍ଥ ବୋଧକ ଶବ୍ଦଟି କେଉଁଟି ?

- **A.** ସ୍ୱଇଛା
- **B.** ଅନ୍ୟଇଚ୍ଛା
- **C.** ଅନିଚ୍ଛା ✓
- **D.** ହତଇଛା

**Q69** Odia

ଅନୁଚ୍ଛେଦରେ ପ୍ରଦତ୍ତ ନ୍ୟାସି ଶବ୍ଦର ଉପଯୁକ୍ତ ଧାରଣା କ'ଣ ହୋଇପାରେ ?

- **A.** ଧର୍ମଗତ ବୈସମ୍ୟ
- **B.** ଜାତିଗତ ବୈଷମ୍ୟ
- **C.** ସାମାଜିକ ବୈଷମ୍ୟ
- **D.** ସମ୍ପଦର ତାରତମ୍ୟ ✓

**Q70** Odia

ଅନୁଚ୍ଛେଦରେ ଦିଆଯାଇଥିବା ସମ୍ପଦର ସମାନାର୍ଥ ବୋଧକ ଶବ୍ଦ କଣ ହେବ ?

- **A.** ଧନ ✓
- **B.** ମନ
- **C.** ଜନ
- **D.** ମୀନ

**Q71** Odia

ନିମ୍ନଲିଖିତ ବିକଳ୍ପ ମଧ୍ୟରୁ ଅନୁଚ୍ଛେଦ ପାଇଁ ଉପଯୁକ୍ତ ସାରାଂଶ ବାଛ ?

- **A.** ଗାନ୍ଧୀଜୀଙ୍କ ଅହିଂସାନିତି
- **B.** ଗାନ୍ଧୀଜୀଙ୍କ ଗ୍ରାମ୍ୟ ସ୍ୱରାଜ
- **C.** ଗାନ୍ଧୀଜୀଙ୍କ ଆର୍ଥିକ ସାମ୍ୟବାଦୀ ଦର୍ଶନ ✓
- **D.** ଗାନ୍ଧୀଜୀଙ୍କ ବର୍ଣ୍ଣବୈଷମ୍ୟ ଚେତନା

Blackbook Vocabulary — Now in the App! ► Download Now on Google Play

**Q72** Odia

ବିଷୟବସ୍ତୁ ଅନୁଯାୟୀ ଅନୁଚ୍ଛେଦର ଗଢଣ କେଉଁ ପ୍ରକାର ?

A. ବୈଜ୍ଞାନିକ

B. ଐତିହାସିକ

C. ସମାଜ ସଂସ୍କାର ମୂଳକ ✓

D. ପୌରାଣିକ

**Q73** Odia

'ମୁଣ୍ଡରେ ପଶିବା'- ରୂଢ଼ିର ଅର୍ଥ କଣ?

A. ବୁଧିବଣା ହେବା

B. ବାଟଦିଶିବା

C. ମୃତ୍ୟୁବରଣ କରିବା

D. ବୁଝିପାରିବା ✓

**Q74** Odia

'ସ୍ମରଣ' ଶବ୍ଦର ବିପରୀତାର୍ଥବୋଧକ ଶବ୍ଦ ଲେଖ ।

A. ନିସ୍ମରଣ

B. ପ୍ରସ୍ମରଣ

C. ବିସ୍ମରଣ ✓

D. ଅସ୍ମରଣ

**Q75** Odia

କେଉଁ ଟି ଏକ କ୍ରିୟା ବିଶେଷଣ ପଦ ।
ବୁଢାଟି ଖୁସିରେ ରହୁଛି ।

A. ରହୁଛି

B. ଖୁସିରେ ✓

C. ବୁଢା

D. ବୁଢାଟି

Blackbook Vocabulary — Now in the App! ► Download Now on Google Play

generated by rank.qmaths.in

**Q76** Computer
What kind of software application is Microsoft Excel?

A. Word processor
B. Spreadsheet ✓
C. Presentation
D. Database

**Q77** Computer
MS ପାୱାରପଏଣ୍ଟ ପ୍ରେଜେଣ୍ଟେସନ ପ୍ରସ୍ତୁତ କରିବା ସମୟରେ କେଉଁ ବିବୃତ୍ତି ଟେମ୍ପଲେଟ୍ ବ୍ୟବହାର କରି ସମସ୍ତ ସ୍ଲାଇଡ୍ ମଧ୍ୟରେ ଡିଜାଇନ୍ ବଜାୟ ରଖିବା ବିଷୟରେ ବର୍ଣ୍ଣନା କରେ?

A. ଟେମ୍ପଲେଟଗୁଡ଼ିକ ୟୁନିଫର୍ମ ବ୍ୟାକଗ୍ରାଉଣ୍ଡ ଆପ୍ଲାଏ କରନ୍ତି କିନ୍ତୁ ଫଣ୍ଟ ଷ୍ଟାଇଲ ନୁହେଁ ।
B. ଟେମ୍ପଲେଟଗୁଡ଼ିକ ସ୍ଲାଇଡ ମାଷ୍ଟର ସେଟିଂ ବ୍ୟବହାର କରନ୍ତି, ଯାହା ଡିଜାଇନକୁ ନିୟନ୍ତ୍ରଣ କରିଥାଏ । ✓
C. ଟେମ୍ପଲେଟଗୁଡିକ କେବଳ ପ୍ରେଜେଣ୍ଟେସନ ର ଫାଷ୍ଟ ସ୍ଲାଇଡ କୁ ପ୍ରଭାବିତ କରେ ।
D. ନିରନ୍ତରତା ବଜାୟ ରଖିବା ପାଇଁ ଟେମ୍ପଲେଟଗୁଡ଼ିକର ପ୍ରତ୍ୟେକ ସ୍ଲାଇଡ୍‌ର ମାନୁଆଲ୍ ଫର୍ମାଟିଂ ଆବଶ୍ୟକ ହୁଏ ।

**Q78** Computer
ପାୱାରପଏଣ୍ଟ ସ୍ଲାଇଡରେ ଟେକ୍ସଟ ବକ୍ସ ଇନସର୍ଟ କରି ଟେକ୍ସଟ ଏଣ୍ଟର କରିବା ପାଇଁ ଆପଣ କେଉଁ ଟ୍ୟାବ ବ୍ୟବହାର କରନ୍ତି?

A. Home ଟ୍ୟାବ
B. Insert ଟ୍ୟାବ ✓
C. Design ଟ୍ୟାବ
D. Transitions ଟ୍ୟାବ

**Q79** Computer
Which MS PowerPoint tab enables the addition of slide transitions?

A. Insert
B. Transitions ✓
C. Animations
D. Slide Show

**Q80** Computer
ନିମ୍ନଲିଖିତ ଇ-କମର୍ସ ମଡେଲଗୁଡ଼ିକ ମଧ୍ୟରୁ କେଉଁଟି ସର୍ବୋତ୍ତମ ଉଦାହରଣ ଅଟେ, ଯେତେବେଳେ ଜଣେ ବ୍ୟକ୍ତି ଏକ ଅନଲାଇନ ମାର୍କେଟପ୍ଲେସ ପ୍ଲାଟଫର୍ମ ମାଧ୍ୟମରେ ସିଧାସଳଖ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଏକ ବ୍ୟବହୃତ ସାମଗ୍ରୀ ଯଥା ସେକେଣ୍ଡ-ହ୍ୟାଣ୍ଡ ମୋବାଇଲ ଫୋନ ସିଧାସଳଖ ବିକ୍ରି କରନ୍ତି?

A. ବ୍ୟବସାୟ-ରୁ-ବ୍ୟବସାୟ (B2B)
B. ଉପଭୋକ୍ତା-ରୁ-ଉପଭୋକ୍ତା (C2C) ✓
C. ବ୍ୟବସାୟ-ରୁ-ଉପଭୋକ୍ତା (B2C)
D. ଉପଭୋକ୍ତା-ରୁ-ବ୍ୟବସାୟ (C2B)

**Q81** Computer
ଏକ ଚୟନୀତ ସେଲର ନିମ୍ନ ଡାହାଣ କୋଣରେ ଥିବା ଛୋଟ ସ୍କୋୟାରର ନାମ କ'ଣ, ଯାହାକୁ ଆପଣ Microsoft ଏକ୍ସେଲ 2021 ରେ କପି କରିବା ପାଇଁ ଡ୍ରାଗ କରନ୍ତି?

A. fill handle ✓
B. filter
C. lookup
D. formula

**Q82** Computer
Under which of the following categories does Ubuntu fall?

A. General Purpose Software
B. Customised Software
C. Device Drivers
D. Operating System ✓

**Q83** Computer
କେଉଁ ୟୁନିଟ ସ୍ଥାୟୀ ଭାବରେ ଇନଷ୍ଟ୍ରକ୍ସନ ଷ୍ଟୋର କରେ?

A. RAM
B. ROM ✓
C. କ୍ୟାସେ (Cache)
D. ରେଜିଷ୍ଟ୍ରି (Registry)

**Q84** Computer
ନିମ୍ନଲିଖିତ ଅପସନଗୁଡ଼ିକ ମଧ୍ୟରୁ କେଉଁଟି ଏକ ଲୋକାଲ ଏରିୟା ନେଟୱାର୍କ (LAN) କୁ ସର୍ବୋତ୍ତମ ଭାବରେ ବାଖ୍ୟା କରେ?

A. ଏକ ନେଟୱାର୍କ ଯାହା ଦେଶଗୁଡିକ ଭଳି ଏକ ବିଶାଳ ଭୌଗୋଳିକ ଅଞ୍ଚଳରେ କମ୍ପ୍ୟୁଟରଗୁଡ଼ିକୁ ସଂଯୋଗ କରେ ।
B. ଏକ ନେଟୱାର୍କ ଯାହା ଏକ କୋଠରୀ କିମ୍ବା କୋଠା ପରି ଏକ ସୀମିତ ଭୌଗୋଳିକ ସ୍ଥାନରେ ଡିଭାଇସଗୁଡିକୁ ସଂଯୋଗ କରେ । ✓
C. ଏକ ନେଟୱାର୍କ ଯାହା ମହାଦେଶଗୁଡିକରେ ଉପଗ୍ରହ ବ୍ୟବହାର କରି ଡିଭାଇସଗୁଡ଼ିକୁ ସଂଯୋଗ କରେ ।
D. ସହରଗୁଡ଼ିକରେ ମୋବାଇଲ ଟାୱାର ମାଧ୍ୟମରେ ଡିଭାଇସଗୁଡ଼ିକୁ ସଂଯୋଗ କରୁଥିବା ଏକ ନେଟୱାର୍କ ।

**Q85** Computer
To automatically resize the width of a column to fit its content in MS Excel, which of the following should you do?

A. Right-click the column and select "Resize"
B. Double-click the boundary line between the columns ✓
C. Click "Home" and then "Resize" from the toolbar
D. Press "Ctrl + R"

Blackbook Vocabulary — Now in the App! ► Download Now on Google Play

**Q86** Computer

ଆପଣ MS ୱାର୍ଡରେ ପ୍ରିଣ୍ଟ ଅପସନ କେଉଁଠାରେ ପାଇବେ?

- **A.** Insert tab
- **B.** Home tab
- **C.** File tab ✓
- **D.** Design tab

**Q87** Computer

ନିମ୍ନଲିଖିତ କେଉଁ ବିବୃତିଟି କମ୍ପ୍ୟୁଟର ସିଷ୍ଟମରେ ରାଣ୍ଡମ ଆକସେସ ମେମୋରୀ (RAM) ର ଭୂମିକାକୁ ସଠିକ ଭାବରେ ବର୍ଣ୍ଣନା କରେ?

- **A.** RAM କମ୍ପ୍ୟୁଟରର ବୁଟ-ଅପ ଇନଷ୍ଟ୍ରକସନକୁ ସ୍ଥାୟୀ ଭାବରେ ଷ୍ଟୋର କରେ ।
- **B.** ଏକଜିକ୍ୟୁସନ ସମୟରେ ଡାଟା ଏବଂ ଇନଷ୍ଟ୍ରକସନକୁ ଅସ୍ଥାୟୀ ଭାବେ ଷ୍ଟୋର କରିବା ପାଇଁ RAM ବ୍ୟବହୃତ ହୁଏ । ✓
- **C.** RAM ଏକ କମ୍ପ୍ୟୁଟର ସିଷ୍ଟମର ମୁଖ୍ୟ ପ୍ରୋସେସିଙ୍ଗ ୟୁନିଟ ଭାବରେ କାର୍ଯ୍ୟ କରେ ।
- **D.** RAM ଅନ୍ୟ ସମସ୍ତ କମ୍ପୋନେଣ୍ଟକୁ କନେକ୍ଟ କରୁଥିବା ଏକ ଫିଜିକାଲ ପ୍ଲାଟଫର୍ମ ପ୍ରଦାନ କରିଥାଏ ।

**Q88** Computer

MS Word ରେ ଥିବା ଏକ ଡକ୍ୟୁମେଣ୍ଟରୁ ଟେକ୍ସଟକୁ କଟ (cut) କରିବା ପାଇଁ ନିମ୍ନଲିଖିତ କେଉଁ ସର୍ଟକଟ୍ କୀ ବ୍ୟବହୃତ ହୁଏ?

- **A.** Ctrl + X ✓
- **B.** Ctrl + C
- **C.** Alt + C
- **D.** Shift + C

**Q89** Computer

Which action is used to **change the height of a row** in Excel?

- **A.** Right-click the row header → Select "Row Height" ✓
- **B.** Right-click the column header → Select "Column Width"
- **C.** Press Delete
- **D.** Use the SUM function

**Q90** Computer

MS ୱାର୍ଡ 2010 ରେ କେଉଁ ଫିଚର, କଷ୍ଟମ ୱାର୍ଡ ଆଡ କରିବା ପାଇଁ ଅନୁମତି ଦେଇଥାଏ ଯାହା ଏରର (errors) ଭାବରେ ଚିହ୍ନିତ ହେବାରୁ ରକ୍ଷା କରିଥାଏ?

- **A.** କଷ୍ଟମ ଷ୍ଟାଇଲ
- **B.** ସିନୋନିମ୍ସ (Synonyms)
- **C.** ଆଡ ଟୁ ଡିକ୍ସନାରି ✓
- **D.** ଲାଙ୍ଗୁଏଜ ସେଟିଙ୍ଗସ

## Reasoning

**Q91** Reasoning

A B ର ପୁଅ ଅଟେ । B C ର ଝିଅ ଅଟେ । E D ର ବାପା ଅଟେ । C E ର ଭଉଣୀ ଅଟେ । A D ସହିତ କିପରି ସମ୍ପର୍କିତ?

- **A.** ବାପାଙ୍କ ଭାଇ
- **B.** ବାପାଙ୍କ ଭଉଣୀଙ୍କ ପୁଅ
- **C.** ବାପାଙ୍କ ଭଉଣୀର ଝିଅର ପୁଅ ✓
- **D.** ବାପାଙ୍କ ବାପା

**Q92** Reasoning

ଛଅ ଜଣ ବ୍ୟକ୍ତି A, B, C, D, E ଏବଂ F ଏକ ବୃତ୍ତାକାର ଟେବୁଲ ଚାରିପାଖରେ କେନ୍ଦ୍ରକୁ ମୁହଁ କରି ବସିଛନ୍ତି । F ଙ୍କ ଠିକ ବାମ ପାର୍ଶ୍ୱରେ E ବସିଛନ୍ତି । A ଙ୍କ ଡାହାଣ ପାର୍ଶ୍ୱ ତୃତୀୟ ସ୍ଥାନରେ E ବସିଛନ୍ତି । A ଙ୍କ ଡାହାଣ ପାର୍ଶ୍ୱ ଦ୍ୱିତୀୟ ସ୍ଥାନରେ C ବସିଛନ୍ତି । A ଙ୍କ ଠିକ ବାମ ପାର୍ଶ୍ୱରେ D ବସିଛନ୍ତି । B ଙ୍କ ବାମ ପାର୍ଶ୍ୱ ଚତୁର୍ଥ ସ୍ଥାନରେ କିଏ ବସିଛନ୍ତି?

- **A.** E ✓
- **B.** C
- **C.** D
- **D.** F

**Q93** Reasoning

ଏକ ନିର୍ଦ୍ଦିଷ୍ଟ କୋଡ୍ ଭାଷାରେ 'own the room' କୁ 'kt dg ck' ଭାବରେ ଏବଂ 'my own house' କୁ 'ck pw hv' ଭାବରେ କୋଡ୍ କରାଯାଇଛି । ପ୍ରଦତ୍ତ ଭାଷାରେ 'own' କୁ କିପରି କୋଡ୍ କରାଯାଇଛି? (ସମସ୍ତ କୋଡ ଦୁଇ ଅକ୍ଷର ବିଶିଷ୍ଟ କୋଡ ଅଟେ)

- **A.** pw
- **B.** ck ✓
- **C.** dg
- **D.** kt

Blackbook Vocabulary — Now in the App! ▶ Download Now on Google Play

generated by rank.qmaths.in

**Q94** Reasoning

ନିମ୍ନଲିଖିତ ତ୍ରୟୀ ସମୂହରେ ପ୍ରତ୍ୟେକ ଅକ୍ଷର ଗୋଷ୍ଠୀ ପରବର୍ତ୍ତୀ ଅକ୍ଷର ଗୋଷ୍ଠୀ ସହ ଏକ ନିର୍ଦ୍ଦିଷ୍ଟ ତର୍କ ଅନୁଯାୟୀ ସମ୍ପର୍କିତ । ପ୍ରଦତ୍ତ ବିକଳ୍ପଗୁଡ଼ିକ ମଧ୍ୟରୁ ସମାନ ତର୍କ ଅନୁସରଣ କରୁଥିବା ବିକଳ୍ପକୁ ଚୟନ କର ।
ROSE - RESO - ESOR
UGLY - UYLG - YLGU

A. BUSY - BYSU - YSUB ✓
B. ENDS - EDNS - SDNE
C. LIKE - ILKE - EIKL
D. OPEN - OPNE - PENO

**Q95** Reasoning

ସାତଟି ବାକ୍ସ Q, R, W, T, E, U ଓ Y କୁ ଗୋଟିଏ ଉପରେ ଅନ୍ୟଟି ରଖାଯାଇଛି କିନ୍ତୁ ସମାନ କ୍ରମରେ ରଖିବା ଜରୁରୀ ନୁହେଁ । Q ଉପରେ କୌଣସି ବାକ୍ସ ରଖାଯାଇ ନାହିଁ । Q ଓ R ମଧ୍ୟରେ କେବଳ ତିନୋଟି ବାକ୍ସ ରଖାଯାଇଛି । T ଓ Y ମଧ୍ୟରେ କେବଳ ଗୋଟିଏ ବାକ୍ସ ରଖାଯାଇଛି । R ର ଠିକ ଉପରେ Y କୁ ରଖାଯାଇଛି । T ଓ E ମଧ୍ୟରେ କେବଳ ଚାରୋଟି ବାକ୍ସ ରଖାଯାଇଛି । U ଉପରେ କୌଣସି ଏକ ସ୍ଥାନରେ W କୁ ରଖାଯାଇଛି । W ଉପରେ କେତୋଟି ବାକ୍ସ ରଖାଯାଇଛି?

A. 1
B. 2 ✓
C. 3
D. 4

**Q96** Reasoning

ଯଦି + ର ଅର୍ଥ – ଓ – ର ଅର୍ଥ × ହୁଏ ଏବଂ x ର ଅର୍ଥ ÷, ÷ ର ଅର୍ଥ + ହୁଏ ତେବେ ନିମ୍ନଲିଖିତ ସମୀକରଣରେ ପ୍ରଶ୍ନ ଚିହ୍ନ (?) ସ୍ଥାନରେ କ'ଣ ହେବ?
81 - 2 ÷ 16 + 32 x 2 = ?

A. 162 ✓
B. 133
C. 147
D. 191

**Q97** Reasoning

ଇଂରାଜୀ ବର୍ଣ୍ଣମାଳା କ୍ରମ ଆଧାରରେ ପ୍ରଦତ୍ତ ଅନୁକ୍ରମରେ ପ୍ରଶ୍ନ ଚିହ୍ନ (?) ସ୍ଥାନରେ କଣ ହେବ?
UFR SIS QLT ? MRV

A. NJU
B. TRE
C. OOU ✓
D. NJH

**Q98** Reasoning

ଇଂରାଜୀ ବର୍ଣ୍ଣମାଳା କ୍ରମ ଅନୁସାରେ, ନିମ୍ନଲିଖିତ ଚାରୋଟି ଅକ୍ଷର-ସମୂହ ଯୋଡି ମଧ୍ୟରୁ ତିନୋଟି ଏକ ନିର୍ଦ୍ଦିଷ୍ଟ ପ୍ରକାରେ ସମାନ ଏବଂ ସେଗୁଡ଼ିକ ଏକ ଗୋଷ୍ଠୀ ଗଠନ କରନ୍ତି । ସେହି ଗୋଷ୍ଠୀରେ ଅନ୍ତର୍ଭୁକ୍ତ ହୋଇ ନଥିବା ଯୋଡିଟି କେଉଁଟି ଅଟେ?
(ବି.ଦ୍ର : ଏହି ଅସାମଞ୍ଜସ୍ୟ ଯୋଡିଟି ଅକ୍ଷର-ସମୂହରେ ଥିବା ବ୍ୟଞ୍ଜନବର୍ଣ୍ଣ/ସ୍ୱରବର୍ଣ୍ଣର ସଂଖ୍ୟା କିମ୍ବା ସେଗୁଡ଼ିକର ସ୍ଥାନ ଉପରେ ଆଧାରିତ ନୁହେଁ ।)

A. BC-FG ✓
B. FG-IJ
C. ST-VW
D. MAN-PQ

**Q99** Reasoning

ନିମ୍ନଲିଖିତ ଅକ୍ଷର ଅନୁକ୍ରମ ଆଧାରରେ ପ୍ରଶ୍ନର ଉତ୍ତର ଦିଅନ୍ତୁ । ଗଣନା କେବଳ ବାମରୁ ଡାହାଣକୁ କରାଯିବ ।

(ବାମ) D U H S N M A M U H A P K E A H E I N O K N N O O R I R A J A (ଡାହାଣ)

ଏପରି କେତୋଟି ବ୍ୟଞ୍ଜନବର୍ଣ୍ଣ ଅଛି ଯାହାର ଠିକ ପୂର୍ବରୁ ଏକ ବ୍ୟଞ୍ଜନବର୍ଣ୍ଣ ଏବଂ ଠିକ ପରେ ଏକ ସ୍ୱରବର୍ଣ୍ଣ ମଧ୍ୟ ଅଛି?

A. ତିନି ✓
B. ଦୁଇ
C. ଏକ
D. ଚାରି

**Q100** Reasoning

Read the given statement(s) and conclusions carefully. Assuming that the information given in the statements is true, even if it appears to be at variance with commonly known facts, decide which of the given conclusions logically follow(s) from the statement(s).
Statements: All birds are hives. All rats are hives.
Conclusions (I) : Some birds are rats
Conclusions (II) : Some hives are rats

A. Only conclusion (I) follows
B. Only conclusion (II) follows ✓
C. Neither conclusion (I) nor (II) follows
D. Both conclusions (I) and (II) follow

Blackbook Vocabulary — Now in the App! ► Download Now on Google Play
generated by rank.qmaths.in